# ପିଲାମାନଙ୍କ ପାଇଁ ବାଇବଲ

ଉପହାର

## ବିଦାୟ

## ଫାରୋ



ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଉପଯୋଜକ: Lyn Doerksen

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2014 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।



ଫାରୋ କ୍ରୋଧିତ ହେଲେ,
ଇସ୍ରାଏଲୀୟ ଦାସମାନେ ମିଶର ଦେଶରୁ
ଛାଡ଼ିଦେବାକୁ ପରମେଶ୍ୱର ମୋଶାଙ୍କ
ଜରିଆରେ ଫାରୋଙ୍କୁ ଆଜ୍ଞାକରିଥିଲେ ।
ସେ ମନା କରିଦେଲେ ।



ସେମାନଙ୍କୁ କଠିନ ପରିଶ୍ରମ କରାଇବା
ନିମନ୍ତେ ଫାରୋ ତାଙ୍କର କାର୍ଯ୍ୟଶାସକ ଓ
ଅଧ୍ୟକ୍ଷମାନଙ୍କୁ ଆଜ୍ଞା କଲେ । ବର୍ତ୍ତମାନ୍
ଇସ୍ରାଏଲୀୟମାନଙ୍କ ପରିସ୍ଥିତି ଅଧିକ
ଜଟିଳ ହୋଇଗଲା ।

ଇଟା ତିଆରି କରିବା ନିମନ୍ତେ ଏହି ସମୟଠାରୁ ନିଜକୁ ପାଳ ସଂଗ୍ରହ କରିବାକୁ ପଡ଼ିବ । ପୂର୍ବପରି ତୁମ୍ଭମାନଙ୍କୁ ତାହା ପ୍ରଦାନ କରାଯିବ ନାହିଁ । ମାତ୍ର ଇଟାର ସଂଖ୍ୟା ପୂର୍ବପରି ସମାନ ପରିମାଣରେ ଦେବାକୁ ପଡ଼ିଲା । ତାହା ଥିଲା ଫାରୋଙ୍କର ନୂତନ ଆଜ୍ଞା ।



କାର୍ଯ୍ୟଶାସକମାନେ କେତେକ ଦାସମାନଙ୍କୁ
ପ୍ରହାର କଲେ କାରଣ ପାଳର ଅଭାବ ହେତୁ
ସେମାନେ ସମାନ ପରମାଣରେ ଇଟା
ଯୋଗାଇ ପାରିଲେ ନାହିଁ ।





ଲୋକମାନେ ସେମାନଙ୍କର ଅସୁବିଧା ନିମନ୍ତେ ମୋଶା ଏବଂ ହାରୋଣଙ୍କୁ ଦୟୀକଲେ । ସେ ସମୟରେ ମୋଶା ଏକ ସ୍ଥାନପାଇ ପ୍ରାର୍ଥନା କଲେ । ହେ ସଦାପ୍ରଭୁ, ତୁମ୍ଭେ ଆପଣା ଲୋକମାନଙ୍କୁ ଏପର୍ଯ୍ୟନ୍ତ ଉଦ୍ଧାର କରିନାହଁ ।

ସଦାପ୍ରଭୁ ଉତ୍ତର ଦେଇ କହିଲେ, ଆମ୍ଭେ ତୁମ୍ଭର ପରମେଶ୍ୱର, ତୁମ୍ଭମାନଙ୍କୁ ବାହାର କରି ଆଣିବା ।

ତାହାପରେ ସଦାପ୍ରଭୁ ମୋଶା ଏବଂ
ହାରୋଣଙ୍କୁ ପୁଣିଥରେ ଫାରୋଙ୍କ
ନିତଟକୁ ପ୍ରେରଣ କଲେ ।
ଯେତେବଳେ ସେହି
ଶକ୍ତିଶାଳୀ ରାଜା ସେମାନଙ୍କୁ
ପରମେଶ୍ୱରଙ୍କଠାରୁ
ଏକ ଚିହ୍ନ ମାଗିଲେ,



ହାରୋଣଙ୍କର ଯଷ୍ଠି
ସର୍ପରେ ପରିଣତ
ହୋଇଗଲା ।



ମୋହର ମନ୍ତ୍ରୀମାନଙ୍କୁ ଡାକ, ଫାରୋ ଜୋର୍ କରି ପାଟିକଲେ । ମିଶ୍ରୀୟ ମନ୍ତ୍ରୀମାନେ ମଧ୍ୟ ନିଜ ନିଜ ଯଷ୍ଠି ଫିଙ୍ଗି ସର୍ପ କଲେ । ମାତ୍ର ହାରୋଣଙ୍କ ସର୍ପ ସେହି ସମସ୍ତ ସର୍ପଗୁଡ଼ାକୁ ଗିଳିପକାଇଲା । ତଥାପି, ଫାରୋ ଲୋକମାନଙ୍କୁ ଯିବାକୁ ଦେଲେ ନାହିଁ ।

ପରଦିନ ସକାଳେ, ମୋଶା ଓ ହାରୋଣ ନଦୀରେ ଫାରୋଙ୍କୁ ମିଶିଲେ । ଯେତେବେଳେ ହାରୋଣ ନିଜ ଯଷ୍ଠିରେ ନଦୀଜଳକୁ ଆଘାତ କରନ୍ତେ ତାହା ରକ୍ତରେ ପରିଣତ ହୋଇଗଲା । ନଦୀର ସମସ୍ତ ମସ୍ତ୍ୟ ମଲେ ଓ ନଦୀ ଦୁର୍ଗନ୍ଧ ହେଲା,



କିନ୍ତୁ ଫାରୋଙ୍କ ହୃଦୟ କଠିନ ହେଲା । ସେ ଇସ୍ରାଏଲୀୟମାନଙ୍କୁ ମିଶର ଦେଶଛାଡ଼ି ଯିବାକୁ ଦେଲେନାହିଁ ।





ପୁନର୍ବାର, ମୋଶା ଫାରୋଙ୍କୁ
କହିଲେ, ଆମ୍ଭ ଲୋକମାନଙ୍କୁ
ମିଶରରୁ ଯିବାକୁ ଛାଡ଼ିଦିଅ ।
ପୁନର୍ବାର ଫାରୋ ମନା
କରିଦେଲେ । ସଦାପ୍ରଭୁ ଅନ୍ୟ
ଏକ ବିପତ୍ତି ପ୍ରେରଣ କଲେ ।
ସମସ୍ତ ମିଶରରେ ବେଙ୍ଗରେ
ପରିପୂର୍ଣ୍ଣ ହୋଇଗଲା । ପ୍ରତ୍ୟକ
ଗୃହ, ଶୟନାଗାର, ଏପରି କି
ରାନ୍ଧିବା ବାସନରେ ବେଙ୍ଗରେ
ପୂର୍ଣ୍ଣ ହେଲା ।



ତହୁଁ ଫାରୋ ମୋଶା ଓ
ହାରୋଣଙ୍କୁ କହିଲେ, ଆମ୍ଭଠାରୁ
ଓ ଆମ୍ଭ ଲୋକମାନଙ୍କଠାରୁ
ବେଙ୍ଗ ଦୂର କରିବାକୁ
ସଦାପ୍ରଭୁଙ୍କଠାରେ ପ୍ରାର୍ଥନା
କର । ତହିଁରେ ଆମ୍ଭେ
ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ବଳିଦାନ କରିବା ନିମନ୍ତେ
ଲୋକମାନଙ୍କୁ ଛାଡ଼ିଦେବା ।
କିନ୍ତୁ, ଫାରୋ ବିପଦର ନିବୃତ୍ତ
ଦେଖି ମନ ବଦଳାଇଲେ ।
ସେ ଦାସମାନଙ୍କୁ ମୁକ୍ତ
କରିବେ ନାହିଁ ।

ସଦାପ୍ରଭୁ ତାହାପରେ ସାରା ମିଶରରେ ଉକୁଣିଆ ପୋକ ପ୍ରେରଣ କଲେ । ତହିଁରେ ମନୁଷ୍ୟ ଓ ପଶୁମାନଙ୍କ ଉପରେ ଉକୁଣିଆ ପୋକ କାମୁଡ଼ାରେ କୁଣ୍ଡାଇବାରେ ଲାଗିଲେ, ତଥାପି ଫାରୋ ସଦାପ୍ରଭୁଙ୍କୁ ମନଯୋଗ କଲା ନାହିଁ ।





ତାହପରେ ସଦାପ୍ରଭୁ ଦଂଶକାଦୀର ଝାଙ୍କ
ଫ୍ରେରଣ କଲେ, ସଦାପ୍ରଭୁ ଏକ ରୋଗ ଦ୍ୱାରା
ମିଶ୍ରୀୟମାନଙ୍କର ସମସ୍ତ ପଶୁ ମଲେ ।
ସଦାପ୍ରଭୁ ଦାହଯୁକ୍ତ ବଥ ଜନ୍ମାଇଲେ ।
ଲୋକମାନଙ୍କର ବଡ଼ ଅସୁବିଧା ହେଲା ।
ତଥାପି ଫାରୋ ସଦାପ୍ରଭୁଙ୍କୁ
ବିରୋଧ କଲେ ।



ଦାହଯୁକ୍ତ ବଥ ଜନ୍ମାଇବା ପରେ,
ସଦାପ୍ରଭୁ ପଙ୍ଗପାଳ ପ୍ରେରଣ
କଲେ । ପଙ୍ଗପାଳ ମାନଙ୍କର
ଦଳ ଜମିର ସମସ୍ତ ସବୁଜ
ଫସଲ ଖାଇପକାଇଲେ ।





ତାପରେ ସଦାପ୍ରଭୁ ତିନିଦିନ
ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ
ଅନ୍ଧକାର ହୋଇ ରହିବାକୁ
ଆଦେଶ ଦେଲେ । ମାତ୍ର
ଜିଦ୍‌ଖୋର୍ ଫାରୋ
ଇସ୍ରାଏଲୀୟମାନଙ୍କୁ ମୁକ୍ତ
କଲେନାହିଁ ।

ଆମ୍ଭେ ଆଉ ଏକ ଉତ୍ପାତ
ଆଣିବା, ସଦାପ୍ରଭୁ ସାବଧାନ
କଲେ । ଦୁଇପ୍ରହର ରାତ୍ରୀରେ
ମିଶରର ସମସ୍ତ ମନୁଷ୍ୟ ଓ
ପଶୁମାନଙ୍କର ପ୍ରଥମଜାତର
ମୃତୁ ହେବ । ମାତ୍ର ଇସ୍ରାଏଲର
ସମସ୍ତ ପ୍ରଥମଜାତର ଉଦ୍ଧାର
ହେବ ଯଦି ସେମାନେ ନିଜ
ଗୃହଦ୍ୱାରର ବାଜୁବନ୍ଧ ଓ
କପାଳୀ ଉପରେ
ମେଷଶାବକର ରକ୍ତ
ଲଗାଇବେ ।





ମଧ୍ୟରାତ୍ରରେ, ମିଶର ଦେଶରେ
ମହାରୋଦନ ଶୁଣାଗଲା । ମୃତୁ ଆଘାତ
କଲା । ପ୍ରତ୍ୟକ ଗୃହରେ ଅନ୍ତତ
ଜଣେ ମରିଯାଇଥିଲା ।



ବାହାରିଯାଅ, ଫାରୋ ମୋଶା ଓ ହୋରୋଣଙ୍କୁ
ବିନତି କଲେ । ଯାଅ, ସଦାପ୍ରଭୁଙ୍କର ସେବା
କରିବାପାଇଁ ଯାତ୍ରାକର । ଶିଘ୍ର, ପରମେଶ୍ୱରଙ୍କ
ଲୋକମାନେ ପାଦଗତିରେ ମିଶ୍ରିୟ
ସିମା ଅତିକ୍ରମ କଲେ ।



ସଦାପ୍ରଭୁ ମୋଶାଙ୍କୁ ସେହି ରାତ୍ରୀକୁ ମନେ
ପକାଇବାକୁ କହିଲେ କାରଣ ସଦାପ୍ରଭୁଙ୍କଠାରୁ ଏକ ସଂହାରକ
ଦୂତ ଇସ୍ରାଏଲୀୟ ଗୃହକୁ ଅତିକ୍ରମ କରି ଫାରୋ ଓ
ତାଙ୍କ ଲୋକମାନଙ୍କର ପ୍ରଥମଜାତକୁ ବଧ କଲେ ।



ମିଶରରେ ପ୍ରାୟ ଚ଼ାରିଶହ ତିରଶ ବର୍ଷ ଦାସତ୍ୱ ପରେ
ଇସ୍ରାଏଲ୍ ବର୍ତ୍ତମାନ ଦାସତ୍ୱରୁ ମୁକ୍ତ ଅଟେ । ସଦାପ୍ରଭୁ
ସେମାନଙ୍କୁ ଦିନରେ ମେଘସ୍ତମ୍ଭ ଓ ରାତ୍ରୀରେ
ଅଗ୍ନିସ୍ତମ୍ଭ ହୋଇ ଆଗେଇ ନେଲେ ।



ମାତ୍ର ଫାରୋ ଇସ୍ରାଏଲୀୟ
ମାନଙ୍କ ସହିତ ସଂପନ୍ନ
ହୋଇନଥିଲା । ସେ ପୁନର୍ବାର
ସଦାପ୍ରଭୁଙ୍କୁ ପାଶୋରିଗଲେ ।
ସେ ନିଜର ସୌନ୍ୟ ପ୍ରସ୍ତୁତ
କଲେ ଓ ଇସ୍ରାଏଲ୍ ପଛରେ
ଗଲେ । ଶିଘ୍ର, ସେ ସେମାନଙ୍କୁ
ଚଟ୍ଟାଣ ଓ ସମୁଦ୍ର ମଧ୍ୟରେ
ଫସାଇଲେ ।



ସଦାପ୍ରଭୁ ଆପେ ତୁମ୍ଭମାନଙ୍କ ନିମନ୍ତେ ଯୁଦ୍ଧ କରିବେ, ମୋଶା କହିଲେ । ମୋଶା ଆଗକୁ ଯାଇ ସମୁଦ୍ର ଉପରେ ହସ୍ତ ବିସ୍ତାର କଲେ ।



ସେଠାରେ ଏକ ମହା
ଆଶ୍ଚର୍ଯ୍ୟକର୍ମ ହେଲା । ସଦାପ୍ରଭୁ
ସମୁଦ୍ର ମଧ୍ୟରେ ଶୁଷ୍କପଥ
କରାଇଲେ । ଲୋକମାନେ
ନିରାପଦରେ ପାର
ହୋଇଗଲେ ।

ଫାରୋଙ୍କର ସୈନ୍ୟମାନେ ମଧ୍ୟ ସେହି ଶୁଷ୍କପଥଦେଇ ଗଲେ । ବର୍ତ୍ତମାନ୍ ସୈନିକମାନେ ଭାବିଲେ ଆମ୍ଭେମାନେ ସେମାନଙ୍କୁ ଧରିବା । ମାତ୍ର ସଦାପ୍ରଭୁ ଜଳକୁ ବନ୍ଦ କଲେ । ଶକ୍ତିଶାଳି ମିଶ୍ରୀୟ ସୈନ୍ୟ ଜଳରେ ବୁଡ଼ିଗଲେ ।

ବର୍ତ୍ତମାନ୍ ଫାରୋ ଜାଣିପାରିଥିଲେ ଯେ ଇସ୍ରାଏଲର ସଦାପ୍ରଭୁ ସବୁର ପ୍ରଭୁ ଅଟନ୍ତି ।



ବିଦାୟ ଫାରୋ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଯାତ୍ରାପୁସ୍ତକ ୪-୧୫

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ୍ୟ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯ୍ୟନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬